CS (Main) Exam, 2020

**URC–C–ODA**

# ଓଡ଼ିଆ

**( ବାଧ୍ୟତାମୂଳକ )**

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
|---|---|

**ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ**

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ, ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ।

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

**1.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ *600* ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : 100

*(a)* ଭାରତରେ ସ୍ୱାସ୍ଥ୍ୟସେବାର ସ୍ଥିତି

*(b)* 2020 ମସିହାରେ ପ୍ରଚଳିତ ଭାରତୀୟ କୃଷକ ଆଇନର ଯୁକ୍ତି ସଂଗତ

*(c)* 2020 ରାଷ୍ଟ୍ରୀୟ ଶିକ୍ଷା ନୀତି (NEP)ର ବୈଧତା ସଂପର୍କୀୟ ପ୍ରଶ୍ନବାଚୀ (ଚାଲେଞ୍ଜେସ୍)

*(d)* ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧି (AI)ର ଉପଯୋଗୀତା

**2.** ନିମ୍ନୋକ୍ତ ପରିଚ୍ଛେଦ୍‌ଟିକୁ ପାଠକରି ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ପ୍ରଦାନ କର : 12×5=60

ଜୀବନ ଓ ପରିବେଶ ଉଭୟ ଗଭୀରଭାବେ ସମ୍ବନ୍ଧିତ। ସମଗ୍ର ସଜୀବ ପ୍ରାଣୀଙ୍କ ଜୀବନ ଗୁରୁତର ଭାବରେ ପରିବେଶ ଉପରେ ନିର୍ଭରଶୀଳ। ତଥାପି ଆମ ମନ, ଶରୀର, କ୍ଷମତା, ଶକ୍ତି ଏବଂ ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକର ଆକୃତି, ବିକାଶ ଏବଂ ସ୍ଥାୟୀତ୍ୱ ସଂପୂର୍ଣ୍ଣ ରୂପେ ପରିବେଶ ଉପରେ ନିୟନ୍ତ୍ରିତ ହୋଇଥାନ୍ତି। ସୁତରାଂ ଜୀବନ ଓ ପରିବେଶ ଏମିତିଭାବେ ସଂଶ୍ଳିଷ୍ଟ ଯେ, ଉଭୟଙ୍କର ସହାବସ୍ଥାନ ଏକାନ୍ତ ଅପରିହାର୍ଯ୍ୟ।

ପରିବେଶ ଆମର ରକ୍ଷା କବଚ୍ ଯାହା ଆମ ପାଇଁ ପ୍ରକୃତିର ବଡ଼ ଅବଦାନ ଏବଂ ଆମର ଜୀବନ ରକ୍ଷାକାରୀ ଓ ପାଳନକାରୀ।

ପରିବେଶର ଉତ୍ସଗୁଡ଼ିକ ପ୍ରକୃତି ମଧ୍ୟରୁ ହିଁ ମିଳିଥାଏ। ପ୍ରକୃତିର ଦାନ ଯୋଗୁଁ ଜମି, ଜଙ୍ଗଲ, ପର୍ବତ, ନଦୀ, ଝରଣା, ମରୁଭୂମି, ମୁକ୍ତ ପ୍ରାଙ୍ଗଣ ଓ ଉପତ୍ୟକା, ରଙ୍ଗୀନ ଜୀବଜନ୍ତୁ ଓ ପକ୍ଷୀ ଏବଂ ନଦୀ ଓ ଝରଣା ନିର୍ମଳ ଜଳରେ ପରିପୂର୍ଣ୍ଣ। ଏ ସବୁର ଶୀତଳ ସୁଗନ୍ଧ ବାୟୁ ଓ ମେଘମାଳା ଜୀବଜଗତକୁ ସୁଖ ସମୃଦ୍ଧି ଦେବା ସହ ଆନନ୍ଦ ମଧ୍ୟ ଦେଇଥାନ୍ତି। ପ୍ରକୃତିର ଏହି ସମସ୍ତ ଉପହାର ମାନବ ପାଇଁ ଶାନ୍ତି ଓ ସମୃଦ୍ଧି ଆଣି ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରେ। କିନ୍ତୁ ପରିବେଶର ଏହି ପ୍ରାକୃତିକ ସନ୍ତୁଳନ ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଯେ, ମନୁଷ୍ୟଜଗତ ପ୍ରକୃତିର ଏହି ପବିତ୍ର ଦାନକୁ ନିଜର ଲାଭ ପାଇଁ କିଛି ଚିନ୍ତା ଭାବନା ନ କରି ଅନ୍ଧ ଭାବରେ ଏବଂ ଅସାଧୁ ଉପାୟରେ ବ୍ୟବହାର କରୁଛନ୍ତି, ଫଳରେ ସଂପୂର୍ଣ୍ଣ ପ୍ରାକୃତିକ ପରିବେଶ ଭାରସାମ୍ୟ ରକ୍ଷା କରିପାରୁନାହିଁ। ବେଶି ସମୟ ଆଉ ବାକି ନାହିଁ, ଲାଗୁଛି ଯେମିତି ଧରିତ୍ରୀ ଉପରେ ହଜାର ଶତାବ୍ଦୀ ପୁରୁଣା ବରଫ ଯୁଗ ଫେରି ଆସିଲାଣି ଅଥବା ମେରୁ ଅଞ୍ଚଳର ମୋଟା ଆସ୍ତରଣ ଯୁକ୍ତ ଜମିଯାଇଥିବା ବରଫ ତରଳି ପ୍ରଳୟଙ୍କାରୀ ଢ଼େଉ ହୋଇ ସହର, ଜଙ୍ଗଲ, ପର୍ବତ, ପଶୁ ଓ କୀଟ ଜଗତକୁ ଗ୍ରାସ କରିବ।

ଏହା ନିଶ୍ଚିତ ଯେ, ପରିବେଶ ପ୍ରଦୂଷଣ ଓ ଅସମତା ଆମମାନଙ୍କ ଅପକର୍ମ ଓ ନିଜସ୍ୱ ସୃଷ୍ଟିର ଫଳ। ଆମେମାନେ ହିଁ ପ୍ରକୃତିରେ ଅସନ୍ତୁଳନ ସୃଷ୍ଟି କରୁଛୁ। ଏହି ଅସନ୍ତୁଳନ ଯୋଗୁଁ ଜମି, ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ଏହି ପରିବେଶ ପ୍ରଦୂଷଣ ଫଳରେ ଶ୍ୱାସ ପ୍ରଶ୍ୱାସର ରୋଗ, ହୃଦ୍ ଓ ପାକସ୍ଥଳୀ ସମ୍ବନ୍ଧିତ ରୋଗ, ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତି ହୀନତା, ମାନସିକ ଉତ୍ତେଜନା ଏବଂ ଅନ୍ୟାନ୍ୟ ଚାପ ସଂପର୍କିତ ରୋଗ ହେଉଛି। ଆମେ ସମସ୍ତେ ଜାଣିଛେ ଯେ, ମନୁଷ୍ୟ ବଞ୍ଚି ରହିବା ପାଇଁ ପୃଥିବୀରେ ଜୀବନ ଏବଂ ପ୍ରକୃତି ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରଖିବା ଜରୁରୀ ଅଟେ। ଉଦ୍ଭିଦ ଦ୍ୱାରା ପୃଥିବୀକୁ ସଂପୂର୍ଣ୍ଣ ରୂପେ ଆଚ୍ଛାଦିତ କରି ରଖିବା ଉଚିତ ନୁହେଁ। ତାକୁ ସନ୍ତୁଳିତ କରି ରଖିବା ପାଇଁ ସମ ପରିମାଣରେ ତୃଣଭୋଜୀ ପ୍ରାଣୀ ରହିଛନ୍ତି ଏବଂ ତୃଣଭୋଜୀ ପ୍ରାଣୀମାନଙ୍କ ମଧ୍ୟରେ ସମାନୁପାତ ରକ୍ଷା କରିବା ପାଇଁ ସମାନ ସଂଖ୍ୟକ ମାଂସାଶୀ ପ୍ରାଣୀ ମଧ୍ୟ ଅଛନ୍ତି। ସୁତରାଂ, ଏହି ତିନୋଟିର ଅନୁପାତ ଏକ ସନ୍ତୁଳିତପୂର୍ଣ୍ଣ ଓ ନିୟନ୍ତ୍ରିତ ଅବସ୍ଥାରେ ରହିଛି। ଆଧୁନିକ ଯୁଗର ବୈଜ୍ଞାନିକ ଉଦ୍ଭାବନ, ଶିଳ୍ପକାର୍ଯ୍ୟ, ଉନ୍ନୟନ ଓ ପ୍ରସାରଣ ସହିତ ଜନସଂଖ୍ୟାର ମଧ୍ୟ ବୃଦ୍ଧି ଘଟିଛି।

**ପ୍ରଶ୍ନାବଳୀ :**

*(a)* 'ଜୀବନ ଓ ପରିବେଶ' ଗଭୀରଭାବେ ସମ୍ବନ୍ଧିତ, ମତବ୍ୟକ୍ତ କର। 12

*(b)* ପ୍ରକୃତି ଓ ପରିବେଶ ମଧ୍ୟରେ ସଂପର୍କ କିପରି ? 12

*(c)* ପରିବେଶ କିପରି ପ୍ରକୃତିର ଭାରସାମ୍ୟ ରକ୍ଷା କରେ ? 12

*(d)* ପରିବେଶ ଅସନ୍ତୁଳନ ଯୋଗୁଁ କେଉଁ ପ୍ରକାରର ବିପଦସବୁ ଘଟିଥାଏ ? 12

*(e)* କେଉଁ କେଉଁ ରୋଗ ପରିବେଶ ପ୍ରଦୂଷଣ ଯୋଗୁଁ ହୋଇଥାଏ ? 12

**3.** ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ଏହି ଗଦ୍ୟାଂଶର ନାମ ଦେବା ଅନାବଶ୍ୟକ। ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ଭାରତର ଏକତା ଓ ସ୍ୱାଧୀନତା ଗୋଟିଏ ଚିତ୍ରର ଉଭୟ ପାର୍ଶ୍ୱପରି। ଯଦି ଆମର ଏକତା ହାତରୁ ବାହାରିଯାଉଛି ତେବେ ସ୍ୱାଧୀନତା ମଧ୍ୟ ଦ୍ୱାରମୁକ୍ତ କରି ବାହାରକୁ ଚାଲିଯିବ। ଏଣୁ ପ୍ରତ୍ୟେକ ନାଗରିକଙ୍କ ଏହା ପ୍ରାଥମିକ ଦାୟିତ୍ୱ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶପଥ ଦେଶର ଜାତୀୟ ଏକତାକୁ ରକ୍ଷାକରିବ। ଭାରତର ଜାତୀୟ ସମସ୍ୟାଗୁଡ଼ିକ ଭାଷା ସମସ୍ୟାଠାରୁ ବହୁତ ବଡ଼। ଯଦି ଆମମାନଙ୍କୁ ଦେଶର ଏକତା ରକ୍ଷା କରିବା ପାଇଁ ଅପମାନିତ ହେବାକୁ ପଡ଼େ ତେବେ ସେଥିପାଇଁ ଆମକୁ ପ୍ରସ୍ତୁତ ରହିବା ଦରକାର। ଜାତୀୟ ଏକତା ରକ୍ଷା କରିବା ପାଇଁ ଅନ୍ୟାୟର ପୀଡ଼ନ ପ୍ରତି ମଧ୍ୟ ଆମେ ପ୍ରସ୍ତୁତ ରହିବା ଦରକାର। ଏସବୁକୁ ସହିବା ଉଚିତ କାରଣ, ଯେତେବେଳେ ଭାରତ ଏକ ଶକ୍ତିଶାଳୀ ଓ ସ୍ଥିର ରାଷ୍ଟ୍ରରେ ପରିଣତ ହେବ ସେତେବେଳେ କୌଣସି ବହିଃଶକ୍ତି ଆମକୁ ଆଉ ଅପମାନିତ କରିପାରିବ ନାହିଁ। ଏପରି କାର୍ଯ୍ୟ ଦ୍ୱାରା ଦେଶର ଗୋଟିଏ ଅଂଶ ଅନ୍ୟ ଅଂଶରେ ଅନ୍ୟାୟମୂଳକ କାର୍ଯ୍ୟକରିବା ପାଇଁ ସାହସ କରିପାରିବ ନାହିଁ। ଯଦି ଆମର ବର୍ତ୍ତମାନ ଅର୍ଥନୀତି ସ୍ଥିର ତେବେ ଆନ୍ତରୀଣ ଦ୍ୱନ୍ଦ୍ୱ ମଧ୍ୟ ଶେଷ ହେବ। ଯଦି ଆନ୍ତରୀଣ ଦ୍ୱନ୍ଦ୍ୱ ତିଷ୍ଠି ରହିଲା ତେବେ କୌଣସି ତିକ୍ତତା କିମ୍ବା ଅତୀତ ଅର୍ଥନୀତିରେ ସମୃଦ୍ଧି ବି ଘଟିଥିଲା ବୋଲି ମନେ ହେବ ନାହିଁ। ମଣିଷର ମନୋବୃତ୍ତିରେ ମଧ୍ୟ ପରିବର୍ତ୍ତନ ଆସିବ।

ଜାତୀୟ ଏକତାର ରକ୍ଷଣାବେକ୍ଷଣ ପାଇଁ ଆମର ପରମ କର୍ତ୍ତବ୍ୟ ହେଉଛି ଯେ ଆମେ ଦେଶର ରୂପ ଓ ଚିତ୍ରକୁ ସୁଧାରିବା ପାଇଁ ସତତ ଚେଷ୍ଟା କରିବା, ଯେମିତି ଅତୀତରେ ଦେଶ କଠିନ ସଂଗ୍ରାମ କରିଥିଲା ସ୍ୱାଧୀନତା ପାଇଁ। ଗତ ତେସ୍ତୋରି ବର୍ଷ ହେଲା ଭାରତ ସ୍ୱାଧୀନତା ଲାଭ କରିଛି। କିନ୍ତୁ ବର୍ତ୍ତମାନ ମଧ୍ୟ ଆମେ ଆହୁରି ବହୁ କିଛି ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସ୍ୱାଧୀନତାର ଅର୍ଥ ନୁହେଁ, କେବଳ ଠିକ୍ ପରିମାଣରେ ଖାଦ୍ୟ ପାଇବା ବା କଳ କାରଖାନା ନିର୍ମାଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା। ସ୍ୱାଧୀନତାର ମୂଳ ଅର୍ଥ ହେଉଛି ମୁକ୍ତ ଆତ୍ମା ଓ ମୁକ୍ତ ମଣିଷ। ତେଣୁ ଦେଶ ଏକ ପବିତ୍ର ଚିନ୍ତା ଓ ଦୃଷ୍ଟିରେ ନାଗରିକଙ୍କୁ ନେଇ ପାରିବ। ଭୋକିଲା ମଣିଷକୁ ଦର୍ଶନ ସମ୍ପର୍କରେ ଶିକ୍ଷା ଦେବା ନିରର୍ଥକ।

ଭାରତ ଏକ ନୂଆ ଦେଶ ନୁହେଁ। ଯେଉଁ ଭାଷା ମାଧ୍ୟମରେ ଭାରତୀୟ ସଂସ୍କୃତି ଉତ୍ପନ୍ନ ହେଲା ତାହା ପୃଥିବୀର ସବୁଠାରୁ ପୁରାତନ ଭାଷା। ଯେଉଁ ପୁସ୍ତକ ଭାରତର ସବୁଠାରୁ ପ୍ରାଚୀନ ପୁସ୍ତକ ଭାବରେ ଗ୍ରହଣ କରାଯାଇଥାଏ ତାହା ସାରା ବିଶ୍ୱର ପ୍ରାଚୀନ ପୁସ୍ତକ ମଧ୍ୟରୁ ଅନ୍ୟତମ। ଅନେକ ବିଦେଶୀ ଆକ୍ରମଣ ସତ୍ତ୍ୱେ ଭାରତ ତା'ର ନିଜସ୍ୱ ସାଂସ୍କୃତିକ ଅତୀତରୁ ବିଚ୍ଛିନ୍ନ ହୋଇନାହିଁ। ନୂତନ ବୈଷୟିକ ଏବଂ ବୈଜ୍ଞାନିକ ସଂସ୍କୃତି ଭାରତକୁ ତା'ର ଅତୀତ ପ୍ରତି ଥିବା ପ୍ରେମ ଭାବକୁ ଛିନ୍ନ କରିପାରିବ ନାହିଁ। ଯାହା ଆମକୁ ଦୁଇ ଶହ ପଚାଶ ବର୍ଷ ଅତୀତକୁ ନେଇଯାଏ ତାହା କେବଳ ସତ୍ୟ ନୁହେଁ, ଅନେକ ନୂତନ ତଥ୍ୟ ଏବଂ ଜ୍ଞାନର ବିକାଶ ଘଟିଛି ଗତ ଛଅ ହଜାର ବର୍ଷ ମଧ୍ୟରେ। ଭାରତ କେବଳ ଏକ ନୂତନ ଯୁଗର ଆବଶ୍ୟକତା ରଖେ ଯାହା ଦ୍ୱାରା କେବଳ ବସ୍ତୁକୈନ୍ଦ୍ରିକ ପ୍ରଗତି ସଂଭବ, ଏହା ମଧ୍ୟ ଅପେକ୍ଷାକରେ ପ୍ରାଚୀନ ସତ୍ୟତାକୁ, ଯାହା ଆକର୍ଷମୂଳକ ଏବଂ ଯାହା ଦୁର୍ନୀତିକୁ ପାପ ଭାବରେ ଗ୍ରହଣ କରିଥାଏ।

ବୈଜ୍ଞାନିକ କାରିଗରୀ ବିଦ୍ୟାର ପ୍ରାତଃକାଳରୁ ପୃଥିବୀର ଅନେକ ଦେଶରେ ପ୍ରାଚୀନ ମୂଲ୍ୟବୋଧ ଏବଂ ନୂତନ ବିଚାରଧାରା ମଧ୍ୟରେ ବିଭେଦ ସୃଷ୍ଟି ହେଉଛି। ଆଜି ଅନେକ ଦେଶରେ ଅତୀତ ପରାଜିତ ହୋଇଥିବା ବେଳେ ବର୍ତ୍ତମାନର ଜୟ ହୋଇଛି। ଭାରତ ଏକମାତ୍ର ଦେଶ ଯାହା ବହୁଦିନ ଧରି ଏପର୍ଯ୍ୟନ୍ତ ଅତୀତ ସହିତ ବର୍ତ୍ତମାନର ସଂଘର୍ଷକୁ ଲକ୍ଷ୍ୟ କରିଥାଏ କିନ୍ତୁ ଭାରତର ପ୍ରାଚୀନ ଜ୍ଞାନ କେବେହେଲେ ଦୁର୍ବଳ କିମ୍ବା ପୁରାତନ ନୁହେଁ। ଭାରତର ପ୍ରାଚୀନ ଜ୍ଞାନ ସବୁବେଳେ ବର୍ତ୍ତମାନ ଉପରେ ଆଧାରିତ ଏବଂ ଏହାର ଲକ୍ଷ୍ୟ ଭବିଷ୍ୟତ ଆଡ଼କୁ ଆଗେଇଯିବା। ଭାରତ ସର୍ବଦା ଏହି ଦିଗରେ ଅଗ୍ରଗତି କରିଛି। ରାମକୃଷ୍ଣ, ବିବେକାନନ୍ଦ, ତିଳକ ଓ ଅରବିନ୍ଦ ପ୍ରଭୃତି ଉଚ୍ଚ ବ୍ୟକ୍ତିତ୍ୱ ପ୍ରାଚୀନ ଜ୍ଞାନ ଉପରେ ଗୁରୁତ୍ୱ ଆରୋପକରି ବର୍ତ୍ତମାନ ଏବଂ ଭବିଷ୍ୟତ ସହିତ ପ୍ରାଚୀନ ଜ୍ଞାନର ସମୀକରଣ କରିବାରେ ସର୍ବଦା ଉତ୍ସାହିତ କରୁଥିଲେ। ପ୍ରାଚୀନ ଆଦର୍ଶର ମହତ୍ତ୍ୱ ସଂପର୍କରେ ସର୍ବ ପ୍ରଥମେ ମହାତ୍ମାଗାନ୍ଧୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବିନୋବାଭାବେ ଅତୀତର ଝରକାଚ ଦେଇ ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖିଥିଲେ। ଆଧୁନିକତାର ପ୍ରତୀକ ହେଲେ ମଧ୍ୟ ରବୀନ୍ଦ୍ରନାଥ ଠାକୁର ପ୍ରାଚୀନ ଜ୍ଞାନର ଦୃଢ଼ ସମର୍ଥକ। ଏବେ ମଧ୍ୟ ଆମେ ଆମର ଅତୀତକୁ ଭୁଲି ନାହୁଁ। ଅତୀତ ଆମର ସବୁଠାରୁ ମୂଲ୍ୟବାନ ଐତିହ୍ୟ।

(*470* ଶବ୍ଦ)

**4.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ଏହା ଜୀବନର ସତ୍ୟ, ଯଦି ତୁମେ ଚାଲିବାବେଳେ ସତର୍କ ନ ରୁହ ତାହେଲେ ତୁମର ପାଦ କୌଣସି ଗର୍ତ୍ତ ବା ନର୍ଦ୍ଦମାରେ ପଡ଼ିପାରେ। ବିଜ୍ଞାନର ବିକାଶ ପ୍ରସଙ୍ଗରେ ଏକଥା ସତ୍ୟ। ଯଦି ଆମେ ମନୁଷ୍ୟର ଉପଯୋଗ ଓ ବିକାଶ ନିମନ୍ତେ ବିଜ୍ଞାନର ବ୍ୟବହାର କରିବା ତାହେଲେ ଏହା ଅତୀବ ପ୍ରଭାବଶାଳୀ ହେବ ଏବଂ କେହିହେଲେ ବିଜ୍ଞାନର ଉପାଦେୟତାକୁ ଅବମାନନା କରିପାରିବେ ନାହିଁ। କିନ୍ତୁ ଯଦି ବିଜ୍ଞାନ ବିନାଶ ପାଇଁ ବ୍ୟବହାର କରାଯାଏ ତାହେଲେ ତାହା ନିଶ୍ଚିତ ଭାବରେ ବିନାଶକାରୀ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ପାଇଁ ଏକ ଅଭିଶାପ ହେବ, ଏ କଥାର କୌଣସି ସନ୍ଦେହ ନାହିଁ। ଯଦିଓ ବିଜ୍ଞାନ ବସ୍ତୁବାଦୀ ସୁବିଧା ଏବଂ ଆରାମ ଦେଇଥାଏ, ତଥାପି ଏହା ଆମକୁ ମାନସିକ ଶାନ୍ତି ଓ ଆନନ୍ଦ ଦେଇପାରେ ନାହିଁ, କେବଳ ଏହାର ବିନାଶ ଗୁଣ ପାଇଁ। ବସ୍ତୁବାଦୀ ବିକାଶ ଫଳରେ ମନୁଷ୍ୟ ଜୀବନ ବ୍ୟସ୍ତ ଏବଂ ଯାନ୍ତ୍ରିକ ହୋଇପଡ଼ିଛି। ଫଳରେ ବିଜ୍ଞାନର ବିକାଶ ଆମକୁ ଆନ୍ତରିକ ଶାନ୍ତି ଓ ସୁଖରୁ ବଞ୍ଚିତ କରିଛି। ନୀତିଗତ ଆଦର୍ଶ ଏବଂ ମାନବିକ ଗୁଣ କ୍ରମଶଃ ହ୍ରାସ ପାଉଛି। ଏସବୁର କାରଣ କେବଳ ମନୁଷ୍ୟର ଦୋଷ ଏବଂ ବିଜ୍ଞାନର ଅପବ୍ୟବହାର ଫଳରେ ସେମାନେ ନିଜକୁ ବିପଦମୁଖରେ ପକାଇଛନ୍ତି। ଅତୀବ ବିନାଶକାରୀ ଅସ୍ତ୍ରଶସ୍ତ୍ର ବୈଜ୍ଞାନିକ ଆବିଷ୍କାରର ଫଳ।

କେବଳ ମଣିଷ ନିଜର ଆତ୍ମକୈନ୍ଦ୍ରିକସତ୍ତାକୁ ତ୍ୟାଗ କରି ବିଜ୍ଞାନର ବିକାଶକାରୀ ଗୁଣକୁ ମାନବ ସମାଜର ଉପକାର ନିମନ୍ତେ ବ୍ୟବହାର କରିପାରିଲେ, ବିଜ୍ଞାନ ଯେ ମଣିଷ ଜୀବନର ବିକାଶ ଏବଂ ମଙ୍ଗଳରେ ସାହାଯ୍ୟ କରିପାରିବ ଏଥିରେ ସନ୍ଦେହ ନାହିଁ।

**5.** ନିମ୍ନଲିଖିତ ଗଦ୍ୟାଂଶକୁ ଓଡ଼ିଆରେ ଅନୁବାଦ କର : 20

One of India's greatest musicians was M. S. Subbulakshmi, affectionately known to most people as 'MS'. Her singing brought joy to millions of people not only in all parts of our country, but in other countries around the world as well. In October 1966, MS was invited to sing in the great hall of the General Assembly of the United Nations in New York, while representatives of all the member countries listened. This was one of the greatest honours ever given to any musician. For several hours MS kept that international audience spellbound with the beauty of her voice and her style of singing; when the concert was over, the entire audience stood up and clapped as a sign of their appreciation of not only the singer but of the great music that she had carried with her from an ancient land. India could not have had a better ambassador. MS was the first musician ever to be awarded the 'Bharat Ratna', India's highest civilian honour. She was the first Indian musician to receive the Ramon Magsaysay Award in 1974 with the citation reading "exacting purists acknowledge Shrimati M. S. Subbulakshmi as the leading exponent of classical and semi-classical songs in the Carnatic tradition of South India".

**6.** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

*(a)* ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

*(i)* ନିଘଞ୍ଚ

*(ii)* ଜ୍ଞାନାଲୋକ

*(iii)* ପଦ୍ମାକ୍ଷ

*(iv)* ମୁଖକମଳ

(b) ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

(i) ବାପରାଣ ଢିଙ୍କି ଗିଳ

(ii) ଛି ଲୋ, ଛତୁ ପାଣି ପଡ଼ିଲେ କେତେ ତୁ ମାତୁ

(iii) ନାକ ଗଳେଇବା

(iv) ସଜନା ଭାଙ୍ଗିପଡ଼ିବ ପଛେ ନଇଁବ ନାଇଁ

(c) ସନ୍ଧି ବିଚ୍ଛେଦ କର : 2×4=8

(i) ସ୍ୱର୍ଗତଃ

(ii) ସନ୍ତାନ

(iii) ପାଦୋଦକ

(iv) ପୃଥ୍ୱୀଶ୍ୱର

(d) ଭ୍ରମ ସଂଶୋଧନ କର : 2×4=8

(i) ଜଳାନ୍ତକ

(ii) ପାରଂପାରିକ

(iii) ଭାରେତ୍ତଳନ

(iv) ବାତ୍ସଲ୍ୟତା

(e) ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷ୍ୟ ପଦକୁ ଚିହ୍ନାଇ ଦିଅ : 2×4=8

(i) ଅଠର ଖଣ୍ଡରେ ମହାଭାରତ ରଚିତ।

(ii) ଲୋକଟି ସତ୍ୟବାଦୀ।

(iii) ଦାନୀ ଦାନ କରେ।

(iv) ସ୍ଥୂଳତଃ ପରିତ୍ୟାଗ ପୂର୍ବକ ଊର୍ଦ୍ଧ୍ୱଗାମୀ ହୁଅ।

★★★